# ପଦ୍ମପୁରରେ ନୂତନ ଡିଜିଟାଲ୍ ହୋର୍ଡିଂର ଶୁଭାରମ୍ଭ

**ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ**



**ପଦ୍ମପୁର, ୧୭।୬ (ସମିସ):** ପଦ୍ମପୁର ସହରର ସୌନ୍ଦର୍ଯ୍ୟକରଣ ଏବଂ ସୂଚନା ପ୍ରଦାନ ବ୍ୟବସ୍ଥାକୁ ଅଧିକ ବ୍ୟାପକ କରିବା ଲକ୍ଷ୍ୟରେ ଆଜି ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ନୂତନ ଡିଜିଟାଲ୍ ହୋର୍ଡିଂଗୁଡ଼ିକର ଶୁଭାରମ୍ଭ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଡିଜିଟାଲ୍ ହୋର୍ଡିଂଗୁଡ଼ିକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଯଥା ଭଉଁରିଆ ଛକ, କଚେରୀ ଛକ ଏବଂ ବଡ଼ବନ୍ଧ ନିକଟରେ ସ୍ଥାପିତ ଡିଜିଟାଲ୍ ହୋର୍ଡିଂଗୁଡ଼ିକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରସନ୍ କୁଲ୍ଲୁ, ଉପଜିଲ୍ଲାପାଳ ହେମସାଗର ଭୋଇ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଗୋବର୍ଦ୍ଧନ ଭୋଏ ପ୍ରମୁଖ ଏବଂ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଥୁଆପାଲିରୁ ଖୁଣ୍ଟୁଲିପାଲି ରାସ୍ତା ମରଣଯନ୍ତା

**ଥୁଆପାଲି, ୧୭।୬(ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଥୁଆପାଲି ଛକଠାରୁ ଖୁଣ୍ଟୁଲିପାଲି ରାସ୍ତା ମରଣଯନ୍ତା ପାଲଟିଛି। ବିଶେଷକରି ଝରାପାଲି କେନାଲ ବ୍ରିଜ ମୋଡାଣି, ସାରସପାଲି ଉପର ଛକରେ ଗାତ ସୃଷ୍ଟି ହୋଇଛି, ସାରସପାଲି ମୋଡାଣି, ସଂକ୍ରିଡା ବାଲିପଟା ରାସ୍ତା କଂକ୍ରିଟ ଉଠି ଯାତାୟାତରେ ସମସ୍ୟା ହେଉଛି। ଏହି ରାସ୍ତାଦେଇ ସର୍ବଦା ଜନସାଧାରଣ ଓ ଛାତ୍ରଛାତ୍ରୀ ପାଠପଢ଼ିବାକୁ ଯିବା ଆସିବା କରିଥାନ୍ତି। ବିଶେଷକରି ଏହି ରାସ୍ତାଦେଇ ବୀରସୁରେନ୍ଦ୍ର ସାଏ ମେଡିକାଲ ହସ୍ପିଟାଲ, ସମ୍ବଲପୁର, ବିନକା, ସୋନପୁର ଆଦି ଅଞ୍ଚଳକୁ ଯିବା ଆସିବା ପ୍ରମୁଖ ରାସ୍ତା ଅଟେ। ଉକ୍ତ ରାସ୍ତା ପିଡବ୍ଲୁଡି ଅଧିନରେ ଆସୁଥିବା ଜନସାଧାରଣଙ୍କ ଧନ, ଜୀବନ ଯିବା ଆଗରୁ ପିଡବ୍ଲୁଡି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଜନସାଧାରଣଙ୍କ ଦାବି ହେଉଛି। ବର୍ଷା ଆଗରୁ ମରାମତି ନିହାତି ଆବଶ୍ୟକ ହୋଇପଡ଼ିଛି।



ତେବେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

**ସ୍ୱପ୍ନେଶ୍ୱର ବାବାଙ୍କ ଶୀତଳ ଷଷ୍ଠୀ**

# ମା' ପାର୍ବତୀଙ୍କ ଅଳଙ୍କାର ଧାରଣ ନୀତି ସମ୍ପନ୍ନ

**ପଦ୍ମପୁର, ୧୭।୬(ସମିସ)**

ପ୍ରକୃତି ଓ ପରିବେଶର ଅନନ୍ୟ ମିଳନର ନୀତି ଶୀତଳ ଷଷ୍ଠୀ। ଅନୁଷ୍ଠିତ ହେବ ଦେବାଧିଦେବ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ଏବଂ ଜଗତ୍‌ଜନନୀ ମା' ପାର୍ବତୀଙ୍କ ଦିବ୍ୟ ଓ ଭବ୍ୟ ବିବାହ ଉତ୍ସବ। ଏନେଇ କମିଟି ପକ୍ଷରୁ ଆଦିରେ ମା'ଙ୍କ ନିର୍ବନ୍ଧ ପାଇଁ ଫଳ ମୂଳ, ମିଠା ପିଠା, ଚୁଡ଼ା ଗୁଡ଼, ବସ୍ତ୍ର ଅଳଙ୍କାର ଆଦି ନେଇ ଶହ ଶହ ଭକ୍ତଙ୍କ ଗହଳିରେ ପଞ୍ଚବାଦ୍ୟ ସଂକୀର୍ତ୍ତନ ଘଣ୍ଟଶଙ୍ଖ ଆଦି ସହ ନଗର ପରିକ୍ରମା କରି ପୁରୁଣା ବସ୍ତିସ୍ଥିତ କନ୍ୟା ମାତା-ପିତାଙ୍କ ଘରେ ପହଞ୍ଚି ବୈଦିକ ରୀତିନୀତି ଅନୁଯାୟୀ ମା' ପାର୍ବତୀଙ୍କ ଅଳଙ୍କାର ଧାରଣ ନୀତି ସମ୍ପନ୍ନ କରିଛନ୍ତି। ମୁଖ୍ୟ

## ଆଜି ବିବାହ, ବରଯାତ୍ରାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କୁ ସାମିଲ ପାଇଁ ନିମନ୍ତ୍ରଣ

ଜୋର୍‌ସୋର୍‌ରେ କାର୍ଯ୍ୟକ୍ରମ ଚାଲିଛି। ମଙ୍ଗଳବାର ମା' ଜଗତ୍‌ଜନନୀ ହିମାଳୟ ସୂତାଙ୍କ ଘରେ ବାବା ସ୍ୱପ୍ନେଶ୍ୱର ମହାଦେବଙ୍କ ପାଇଁ କନ୍ୟା ଅନ୍ୱେଷଣରେ ବାହାରିଥିବା ସପ୍ତ ଋଷି ପହଞ୍ଚିବାପରେ ପତ୍ରପେଣ୍ଠି ନିତି ସମ୍ପନ୍ନ ହୋଇଥିଲା। ଆଜି ବିବାହ ପାଇଁ ମା'ଙ୍କ ଅଳଙ୍କାର ଧାରଣ ଉତ୍ସବ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଛି। ବରପକ୍ଷ ପଦ୍ମପୁର ସ୍ଥାନୀୟ କଣ୍ଟାବାନ୍ଧ ସଂଲଗ୍ନ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ବାବାଙ୍କ ମନ୍ଦିରରୁ ଭାର ପୂଜକ ଅତ୍ରାହି ଭଞ୍ଜନ ପାଣିଗ୍ରାହୀ ବରପକ୍ଷର ପୁରୋହିତ କାର୍ଯ୍ୟ ତୁଲାଉଥିବା ବେଳେ ପ୍ରଦୀପ କୁମାର ରଥ କନ୍ୟାପକ୍ଷ ପୁରୋହିତ ଦାୟିତ୍ୱ ବହନ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ପୂଜକ ଟଙ୍କଧର ମହାପାତ୍ର, ସତ୍ୟ ପ୍ରକାଶ ପାଣିଗ୍ରାହୀ ଏବଂ କାନ୍ତିଲାଲ ଦାସ ପୁରୋହିତ କାର୍ଯ୍ୟ ସମ୍ପାଦନରେ ସାହାଯ୍ୟ କରିଥିବା ବେଳେ ଭକ୍ତଙ୍କ ହୁଳହୁଳି ଏବଂ ହରିବୋଲରେ ପ୍ରକମ୍ପିତ ହୋଇଥିଲା ମଣ୍ଡପ।



ସୁପ୍ରସିଦ୍ଧ ଭଜନ ଗାୟିକା ବିଜ୍ଞାସୀ ବାରିକ ଏବଂ ସାଥୀଙ୍କ ସୁମଧୁର କଣ୍ଠରେ ଭଜନ ସନ୍ଧ୍ୟା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ବିବାହ ନିମନ୍ତ୍ରଣ କ୍ରମେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କାର୍ଯ୍ୟକ୍ରମରେ ଯୋଗଦେଇ ବାବାଙ୍କର ଆଶୀର୍ବାଦ ନେବା ସହ ସମସ୍ତଙ୍କୁ ଶୁଭ ବିବାହ ଉତ୍ସବର ଶୁଭେଚ୍ଛା ଜଣାଇଥିଲେ। ମଞ୍ଚ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ବୋର୍ଡର ଅଧ୍ୟକ୍ଷ ଗୋବର୍ଦ୍ଧନ ଭୁଏ ଏବଂ ପୂର୍ବତନ ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା ସମ୍ପାଦକ ତଥା ପଦ୍ମପୁର ଟାଉନ କ୍ଲବର ସଭାପତି ପ୍ରୀତେଶ କୁମାର ବହିଦାର ଯୋଗ ଦେଇଥିଲେ। କମିଟିର ସଭାପତି ପ୍ରୀତମ ମେହେର ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ସ୍ୱପ୍ନେଶ୍ୱର ବାବାଙ୍କର ଶୁଭ ବିବାହ ଉତ୍ସବର ପ୍ରଚାର ପ୍ରସାର କରୁଥିବା ବିଭିନ୍ନ ସାମାଜିକ ଗଣମାଧ୍ୟମ ପ୍ରତିନିଧିଙ୍କୁ କମିଟି ତରଫରୁ ସମ୍ମାନିତ କରାଯାଇଥିଲା। ତେବେ ଆଜି ଶୁଭ ଲଗ୍ନରେ ବାବା ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବଙ୍କର ମହା ଭବ୍ୟ ବରଯାତ୍ରା ପାଟପଟୁଆର ସହ ବାହାରି ବିବାହ ପାଇଁ ମାତା ପାର୍ବତୀଙ୍କ ଗୃହ ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ଥିବାବେଳେ ସମସ୍ତ ଭକ୍ତବୃନ୍ଦ ଏହି ବରଯାତ୍ରାରେ ସାମିଲ ହୋଇ ପବିତ୍ର ଦେବ ବିବାହର ଶୁଭ ଆଶୀର୍ବାଦ ଲାଭ କରିବାକୁ କମିଟି ସଭାପତି ଓ ସମସ୍ତ ସଦସ୍ୟ ଅନୁରୋଧ କରିଛନ୍ତି।

# ୩ଦିନ ବଢ଼ିଲା ଖରାଛୁଟି

**ବରଗଡ଼, ୧୭।୬(ସମିସ):** ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ଖରାଛୁଟି ବଢ଼ିଛି। ଜିଲ୍ଲାର ସମସ୍ତ ସ୍କୁଲ, କଲେଜ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ୨୦ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିôବାକୁ ଡିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏଙ୍କ କାର୍ଯ୍ୟାଳୟରୁ ଜାରି ହୋଇଥିବା ଆଦେଶ ଅନୁଯାୟୀ, ଆସନ୍ତା ୧୮ ଜୁନ୍ (ଗୁରୁବାର) ଠାରୁ ୨୦ ଜୁନ୍ (ଶନିବାର) ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ତେବେ ଜିଲ୍ଲା ପ୍ରଶାସନ ସ୍ପଷ୍ଟ କରିଛି ଯେ, ପୂର୍ବରୁ ନିର୍ଦ୍ଧାରିତ ଥିବା ସମସ୍ତ ପରୀକ୍ଷା କାର୍ଯ୍ୟକ୍ରମ ପୂର୍ବବତ୍ ଅନୁଷ୍ଠିତ ହେବ। ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ନିର୍ଦ୍ଦେଶକ୍ରମେ ଏହି ଆଦେଶ ଜାରି ହୋଇଛି।

# ଗଞ୍ଜେଇ ଚାଲାଣ ଅଭିଯୋଗରେ ଯୁବକ ଗିରଫ




**ଭଟଲି, ୧୭।୬(ସମିସ):** ଭଟଲି ଥାନା ପୁଲିସ ଗଞ୍ଜେଇ ଚାଲାଣ ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କ ନିକଟରୁ ବିପୁଳ ପରିମାଣର ଗଞ୍ଜେଇ, ଏକ କାର ଓ ମୋବାଇଲ ଫୋନ ଜବତ କରାଯାଇଛି। ଅଭିଯୁକ୍ତ ଜଣକ ହେଲେ ଭଗବାନ ଭୋଇ।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ଭଟଲି ଥାନା ପୁଲିସ କାଞ୍ଜିପାଲି ଗ୍ରାମରେ ଗଞ୍ଜେଇ ଚାଲାଣ ସମ୍ପର୍କିତ ସୂଚନା ପାଇ ଚଢ଼ଉ କରିଥିଲା। ଚଢ଼ାଉ ସମୟରେ ପୁଲିସ ସନ୍ଦିଗ୍ଧ ଭାବେ ଏକ ସୁଜୁକି କାରକୁ ଯାଞ୍ଚ କରିଥିଲା। ସେଥିରେ ଥିବା ଦୁଇଟି ଅଖାରୁ ମୋଟ ୩୭ କେଜି ୬୬୫ ଗ୍ରାମ ଗଞ୍ଜେଇ ମିଳିଥିଲା।ଏହି ଘଟଣାରେ ପୁଲିସ ଭଗବାନ ଭୋଇକୁ ଗିରଫ କରିଛି। ତାଙ୍କ ନିକଟରୁ ଗଞ୍ଜେଇ ସହିତ ଏକ ସିଲ୍ଭର ରଙ୍ଗର ସୁଜୁକି କାର (ନମ୍ବର: ଓଡି-୧୭-ଏଫ-୪୩୦୯) ଏବଂ ଏକ ରିଏଲମି ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଭଗବାନ ଭୋଇ ପୂର୍ବରୁ ମଧ୍ୟ ଗଞ୍ଜେଇ ଚାଲାଣ ମାମଲାରେ ସମ୍ପୃକ୍ତ ଥିଲେ। ୨୦୧୬ ମସିହାରେ ସେ ବରଗଡ଼ ସଦର ଥାନା ଅଞ୍ଚଳରେ ରୁଜୁ ହୋଇଥିବା ଏକ ଗଞ୍ଜେଇ ଚାଲାଣ ମାମଲାରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ସୂଚନା ମିଳିଛି।ଏହି ଘଟଣାକୁ ନେଇ ଭଟଲି ଥାନାରେ ମାମଲା ରୁଜୁ କରାଯାଇଛି। ଆବଶ୍ୟକ ଆଇନଗତ ପ୍ରକ୍ରିୟା ପରେ ଅଭିଯୁକ୍ତଙ୍କୁ ସ୍ଥାନୀୟ ଅଦାଲତକୁ ଚାଲାଣ କରାଯାଇଥିବା ଭଟଲି ଥାନାଧିକାରୀ ବିଭୂତି ଭୂଷଣ ଦଳାଇ ସୂଚନା ଦେଇଛନ୍ତି।

# କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଶିକ୍ଷକ ତାଲିମ ଶିବିର 'ଗୁରୁକୁଲ୍' ଉଦ୍‌ଘାଟିତ

**ବରଗଡ଼, ୧୭।୬(ସମିସ):** କ୍ରିଷ୍ଣା ବିକାଶ ବିଦ୍ୟାଳୟସ୍ଥିତ ଅଡିଟୋରିୟମ୍‌ଠାରେ ବୁଧବାର ଶିକ୍ଷକ ତାଲିମ ଶିବିର 'ଗୁରୁକୁଲ୍ -୨୦୨୬' ଉଦ୍‌ଘାଟିତ ହୋଇଯାଇଛି। ଶିବିରଟି ଦୀର୍ଘ ୪ଦିନ ଧରି ବରାହଗୋଡ଼ାସ୍ଥିତ କ୍ରିଷ୍ଣା ବିକାଶ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଶିବିରରେ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ୩୦୦ରୁ ଉର୍ଦ୍ଧ୍ୱ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ଉପାଧ୍ୟକ୍ଷ ଡ.ମନୋଜ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ସର୍ବପ୍ରଥମେ ଅତିଥିଗଣ ଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ଏକ୍‌ଜିକ୍ୟୁଟିଭ୍ ପ୍ରିନ୍ସିପାଲ୍ ଶିଶିର ପ୍ରସାଦ ରାଉଳ ସ୍ୱାଗତ ଭାଷଣ ଦେବା ସହ ଅତିଥିଗଣଙ୍କ ପରିଚୟ ପ୍ରଦାନ କରିଥିଲେ। କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ଡି.ମୂରଲୀ କ୍ରିଷ୍ଣା ମୁଖ୍ୟ ଅତିଥି ତଥା ପ୍ରଶିକ୍ଷକ ଶ୍ରୀ କେଶବ ଜୈନଙ୍କୁ ପୁଷ୍ପମାଲ୍ୟ ଓ ଉପଢୌକନ ଦେଇ ସମ୍ମାନୀତ କରିଥିଲେ।

ଛାତ୍ରଛାତ୍ରୀମାନଙ୍କ ସ୍ୱାଗତ ଭାଷଣରେ ସମଗ୍ର ଅଡିଟୋରିୟମ୍‌ଟି ନୂତନ ଉତ୍ସାହରେ ଭରିଯାଇଥିଲା। ଚେୟାରମ୍ୟାନ ଡି.ମୂରଲୀ କ୍ରିଷ୍ଣା ନିଜର ମତାମତ ଦେବାକୁ ଯାଇ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ଚିନ୍ତା ଓ ଚେତନା ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନଠାରୁ ଉଚ୍ଚସ୍ତରର ଓ ଶିକ୍ଷକତା ହେଉଛି ସମସ୍ତ କାର୍ଯ୍ୟର ମା' ବୋଲି ମତବ୍ୟକ୍ତ କରିଥିଲେ। ସର୍ବଭାରତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ପ୍ରଶିକ୍ଷକ କେଶବ ଜୈନ ଶିବିରରେ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଏକବିଂଶ ଶତାବ୍ଦୀରେ ନୂତନ ଯୁଗର ଛାତ୍ରଛାତ୍ରୀମାନଙ୍କୁ କିପରି ପରିବର୍ତ୍ତନଶୀଳ ଶିକ୍ଷଣ ପଦ୍ଧତିରେ ଶିକ୍ଷାପ୍ରଦାନ କରାଯାଇପାରିବ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ସମୂହର ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ସିନିୟର୍ ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ର ଅଧ୍ୟକ୍ଷ ନାରାୟଣ ରଥ, କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ସମୂହର ହେଡ୍ ଅଫ୍ ପିପୁଲ୍ ଏଣ୍ଡ କଲଚର୍ ଅଶ୍ୱିନୀ ନାୟକ, ସିମେଣ୍ଟ ନଗର ଇଂଲିସ୍ ମିଡିୟମ୍ ସ୍କୁଲ୍, ବରଗଡ଼ର ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ୍ ୱେଲ୍‌ଫେୟାର୍, ବରଗଡ଼ର ଅଧ୍ୟକ୍ଷ ସନାତନ ମହାପାତ୍ର, କ୍ରିଷ୍ଣା ବିକାଶ ଫାଷ୍ଟ ଷ୍ଟେପ୍, ବରଗଡ଼ର ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର, କ୍ରିଷ୍ଣା ବିକାଶ ଟେକ୍ନୋ ସ୍କୁଲ୍, ଅନୁଗୁଳର ଅଧ୍ୟକ୍ଷ ସାନୁଜ୍ ଶତପଥୀ, କ୍ରିଷ୍ଣା ବିକାଶ ଗଡ଼ୋଦିଆ ଗ୍ଲୋବାଲ୍ ସ୍କୁଲ୍, ରାଜଗାଙ୍ଗପୁରର ଅଧ୍ୟକ୍ଷ ଅଜିତ ନାୟକ ଏବଂ ହରିଶ ଅଗ୍ରୱାଲ୍ ପ୍ରମୁଖ ଉପସ୍ଥିତ ଥିଲେ।



# ବିଜେପୁରରେ ଧାନ ଅଭାବୀ ବିକ୍ରି ନେଇ ରାଜ୍ୟପାଳଙ୍କୁ ବିଜେଡିର ଦାବିପତ୍ର



**ବିଜେପୁର, ୧୭।୬(ସମିସ):** ବରଗଡ଼ ଜିଲ୍ଲାର ବିଜେପୁର ଅଞ୍ଚଳରେ ଚାଷୀମାନେ ଧାନ ବିକ୍ରି ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାରେ ଜର୍ଜରିତ ହୋଇପଡ଼ିଥିବା ବେଳେ ଏହାର ସ୍ଥାୟୀ ସମାଧାନ ଦାବିରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଜୁ ଜନତା ଦଳର ପୂର୍ବତନ ମନ୍ତ୍ରୀ ରୀତା ସାହୁଙ୍କ ନେତୃତ୍ୱରେ ଚାଷୀ ତଥା କର୍ମୀ ସ୍ଥାନୀୟ ତହସିଲ କାର୍ଯ୍ୟାଳୟକୁ ଯାଇ ବିଜେପୁର ତହସିଲଦାରଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବିଜେପୁର ଅଞ୍ଚଳ ଦୀର୍ଘଦିନ ଧରି ମରୁଡ଼ି ପ୍ରଭାବିତ ଅଞ୍ଚଳ ଭାବେ ପରିଚିତ। ଅନିୟମିତ ବର୍ଷା ଓ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଚାଷୀମାନେ ଚାଷ କାର୍ଯ୍ୟରେ କ୍ଷତିଗ୍ରସ୍ତ ହେଉଥିବା ବେଳେ ଧାନ ବିକ୍ରିରେ ଦେଖାଦେଇଥିବା ଅବ୍ୟବସ୍ଥା ସେମାନଙ୍କ ଆର୍ଥିକ ସ୍ଥିତିକୁ ଆହୁରି ଦୁର୍ବଳ କରିଦେଇଛି। ଚାଷୀମାନଙ୍କ ଅଭିଯୋଗ ଅନୁସାରେ, ଗତ ଖରିଫ ଋତୁରେ ଅନେକ ପ୍ରକୃତ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣରୁ ବଞ୍ଚିତ ହୋଇଥିଲେ। ଯେଉଁମାନେ ପଞ୍ଜୀକରଣ କରିଥିଲେ ସେମାନଙ୍କୁ ମଧ୍ୟ ଠିକ୍ ସମୟରେ ଟୋକନ ମିଳିନଥିବାରୁ ଧାନ ବିକ୍ରି କରିବାରେ ସମସ୍ୟା ହୋଇଥିଲା। ଫଳରେ ଅନେକ ଚାଷୀ ବାଧ୍ୟ ହୋଇ ଖୋଲା ବଜାରରେ କମ ଦରରେ ଧାନ ବିକ୍ରି କରିଥିଲେ।

ଦାବିପତ୍ରରେ ଆହୁରି କୁହାଯାଇଛି ଯେ, ସରକାର ଧାନ ପାଇଁ ନିର୍ଦ୍ଧାରିତ ସହାୟକ ମୂଲ୍ୟ ଓ ବୋନସ ଘୋଷଣା କରିଥିଲେ ମଧ୍ୟ ମିଲରମାନଙ୍କ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ଚାଷୀମାନେ ତାଙ୍କର ଉଚିତ ପ୍ରାପ୍ୟ ପାଇପାରୁନାହାନ୍ତି। ଏହା ସହିତ ଧାନ କ୍ରୟ ସମୟରେ ୪ରୁ ୫ କିଲୋଗ୍ରାମ ପର୍ଯ୍ୟନ୍ତ କଟ୍‌ନୀ ଛଟ୍‌ନୀ କରାଯାଉଥିବା ଅଭିଯୋଗ ମଧ୍ୟ କରାଯାଇଛି। ଦାବିପତ୍ରରେ ଚାଷୀମାନଙ୍କୁ ଶୀଘ୍ର ଟୋକନ ପ୍ରଦାନ, ବିନା କଟଣୀ-ଛଟଣୀରେ ଧାନ ଉଠାଣ, ନିର୍ଦ୍ଧାରିତ ସମୟରେ ପ୍ରାପ୍ୟ ପ୍ରଦାନ, ମିଲରମାନଙ୍କ ମନମୁଖୀ କାର୍ଯ୍ୟକଳାପ ବନ୍ଦ, ମଣ୍ଡିରେ ଉନ୍ନତ ସୁବିଧା, ବର୍ଷାରୁ ଧାନର ସୁରକ୍ଷା ଓ କୃଷି ଋଣର ପରିମାଣକୁ ଏକ ଲକ୍ଷରୁ ବୃଦ୍ଧି କରି ପାଞ୍ଚ ଲକ୍ଷ ଟଙ୍କା କରିବା ଭଳି ଦାବି ଉଠାଯାଇଛି। ଚାଷୀମାନଙ୍କ ଏହି ସମସ୍ୟା ପ୍ରତି ସରକାର ଓ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି।ଏହିକ୍ରମରେ ବିଜୁ ଜନତା ଦଳ ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର, ଉପସଭାପତି ନେହେରୁ ନାଏକ, ଜିଲ୍ଲା ପରିଷଦ ସଭ୍ୟ ସୁଦାମ ସାହୁ, ବରିଷ୍ଠ ନେତା ଦେବାନନ୍ଦ ଗଡ଼ତିଆ, ବିଜେପୁର ବ୍ଲକ ସଭାପତି ସୁରେନ୍ଦ୍ର ପଧାନ, ବିଜେଡି ବିଜେପୁର ଏନ୍ଏସିସଭାପତି ସଞ୍ଜୟ ପଧାନ, ଗୋପାଳ ମେହେର, ନାରୀନେତ୍ରୀ ଶକୁନ୍ତଳା ମହାପାତ୍ର, ମହିଳା ବିଜୁ ଜନତା ଦଳ ବିଜେପୁର ବ୍ଲକ ସଭାପତି ମିନୁ ଶର୍ମା, ବିଜୁ ଜନତା ଦଳ ମହିଳା ସଭାପତି ଏନ୍ଏସିଧନେଶ୍ୱରୀ ଭୋସାଗର, ସୀତା ବାରିକ, ରଙ୍ଗିନୀ ମାହାଣା ପ୍ରମୁଖ ଉପସ୍ଥିତ ଥିଲେ।

**ରାଜ୍ୟ ଛାତ୍ର କଂଗ୍ରେସ ଉପ ସଭାପତିଙ୍କ ଅଭିନବ ପ୍ରତିବାଦ**

# ଖଜୁରକଟା ପୁନରୁଦ୍ଧାର ପାଇଁ ଆଖିରେ କଳାପଟି ବାନ୍ଧିଲେ



**ବରଗଡ଼, ୧୭।୬(ସମିସ):** ଆଖି ଥାଇ ଅନ୍ଧ ପୌର ପ୍ରଶାସନ। ବରଗଡ଼ ଖଜୁରକଟା ବନ୍ଧର ପୁନଃରୁଦ୍ଧାର ଦାବି ନେଇ ଆଖିରେ କଳାପଟି ବାନ୍ଧି ବରଗଡ଼ ପୌର ପରିଷଦ କାର୍ଯ୍ୟାଳୟରେ ଧାରଣା ଦେଲେ ଖଜୁରଟିକ୍ରା ବାସୀ। ଗତ ୧୧ ତାରିଖ ବରଗଡ଼ ଛାତ୍ର କଂଗ୍ରେସ ଉପସଭାପତି ଗୌରବ ପତି (ଆଜାଦ) ଖଜୁରକଟାବନ୍ଧର ପାଣି ଭାରରେ ବୋହି ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁ ଙ୍କୁ ଦେଖାଇବା ସହ ହାତ ଧୋଇବାକୁ କହିଥିଲେ ଏବଂ ଆସନ୍ତା ୧୬ ତାରିଖ ମଧ୍ୟରେ ଖଜୁରକଟା ବନ୍ଧ ସଫା କରିବାକୁ ଅନୁରୋଧ ମଧ୍ୟ କରିଥିଲେ। କିନ୍ତୁ ୧୬ ତାରିଖ ବିତି ଯାଇଥିଲେ ମଧ୍ୟ ପୌର ପରିଷଦ କାର୍ଯ୍ୟାଳୟ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି ଅଭିଯୋଗ କରିଛନ୍ତି। ଏନେଇ ବୁଧବାର ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଗୌରବ ପତି (ଆଜାଦ) ନିଜ ଆଖିରେ କଳାପଟି ବାନ୍ଧି ଖଜୁରଟିକ୍ରା ବାସିନ୍ଦାଙ୍କ ସହ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ।

ପ୍ରକାଶ ଥାଉ କି, ଗତବର୍ଷ ମଧ୍ୟ ପଡ଼ାବାସୀ ଗ୍ରୀଷ୍ମ ସମୟରେ ପୌର ପରିଷଦ କାର୍ଯ୍ୟାଳୟରେ ପୁନଃରୁଦ୍ଧାର ଦାବି କରିଥିଲେ। କିନ୍ତୁ ପୌର ପ୍ରଶାସନର ଅବହେଳା ଯୋଗୁଁ ବାରମ୍ବାର ପଡ଼ାବାସୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବାଧ୍ୟ ହୋଇ ଏହି ପାଣିକୁ ଦୈନନ୍ଦିକ କାର୍ଯ୍ୟରେ ବ୍ୟବହାର କରି ଚର୍ମ ରୋଗ ସହ ଅନେକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସବୁ ଦେଖି ମଧ୍ୟ ପୌର ପ୍ରଶାସନ ଆଖି ବୁଜି ଦେବା ଭଳି କାର୍ଯ୍ୟ କରୁଥିବାରୁ ଆଜି ଆଖି ଥାଇ ମଧ୍ୟ କଳାପଟି ବାନ୍ଧି ପ୍ରତିବାଦ କରାଯାଇଥିଲା।

ଅନ୍ୟପଟେ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ କହିଛନ୍ତି ଯେ, ଗତ ସୋମବାର ଦିନ ଜେସିବି ମେସିନ ସଫା କରିବାକୁ ଯାଇଥିଲା ହେଲେ କିଛି ଯୁବକ ମନା କରିବାରୁ କାମ ହୋଇ ପାରି ନ ଥିଲା। ଖଜୁରକଟାର ସୌନ୍ଦର୍ଯ୍ୟକରଣ ପାଇଁ ୩୦ ଲକ୍ଷ ଟଙ୍କା ଅନୁଦାନ ଆସିଛି ଆଉ ଖୁବ୍‌ଶୀଘ୍ର କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

# ଦନ୍ତା ଆକ୍ରମଣରେ ଶ୍ରମିକ ମୃତ୍ୟୁକୁ ନେଇ ଉତ୍ତେଜନା

**ରେଢ଼ାଖୋଲ, ୧୭।୬(ସମିସ)**

ରେଢ଼ାଖୋଲ ବନାଞ୍ଚଳ ସଂରକ୍ଷଣ ଜଙ୍ଗଲରେ ହାତୀ ଏବଂ ମଣିଷ ମଧ୍ୟରେ ବାରମ୍ବାର ଲଢ଼େଇରେ କେତେବେଳେ ହାତୀ ତ ଆଉ କେତେବେଳେ ମଣିଷ ବଳି ପଡୁଛି। ବନ ବିଭାଗର ନିଷ୍କ୍ରିୟତାକୁ ଦାୟୀ କରି ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି ଏକ ଘଟଣା କ୍ରମେ ସମ୍ବଲପୁର ଜିଲ୍ଲା ରେଢାଖୋଲ ବାନାଞ୍ଚଳ ବଡବାହାଲ ରେଞ୍ଜ ଅଧୀନ ସାନ ନୂଆପଡ଼ା ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଦନ୍ତା ଆକ୍ରମଣରେ ଜଣେ ଶ୍ରମିକ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣଙ୍କ ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ କଦଳୀମୁଣ୍ଡା ପଞ୍ଚାୟତ ଟାପୁରସିଙ୍ଘା ଗ୍ରାମର ନରେନ୍ଦ୍ର ପ୍ରଧାନ (୩୭)।

ସୂଚନା ଯୋଗ୍ୟ ଯେ ନରେନ୍ଦ୍ର ଜଣେ ଦିନ ମଜୁରିଆ। ମୂଲ ଲାଗିଲେ ପରିବାର ଚଳେ। ପରିବାର କହିଲେ ସ୍ତ୍ରୀ ଓ ଗୋଟିଏ ଝିଅ। ମଙ୍ଗଳବାର ରାତି ପ୍ରାୟ ୧୧ଟାରେ ନରେନ୍ଦ୍ର କାମ କରିବାକୁ ଯାଇ ଘରକୁ ଫେରୁଥିବା ବେଳେ ସାନ ନୂଆପଡ଼ା ଗାଁ ଗୁଆପଡ଼ା ରାସ୍ତା ନିକଟରେ ଦନ୍ତା ହାବୁଡ଼ରେ ପଡ଼ିଥିଲେ। ଦନ୍ତାଟି ତାଙ୍କୁ ଦଳି ଦେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ରାତି ଯୋଗୁଁ କେହି ଜାଣିପାରିନଥିଲେ। ଦୀର୍ଘ ୭ ଘଣ୍ଟା ଧରି ମୃତଦେହ ପଡ଼ିଥିବା ବେଳେ ବୁଧବାର ଭୋର୍‌ରୁ ସ୍ଥାନୀୟ ଲୋକେ ଦେଖି ପରିବାର, ବନ ବିଭାଗ ଓ ପୁଲିସକୁ ଜଣାଇଥିଲେ। ବନ ବିଭାଗ ଅଧିକାରୀ, ରେଢ଼ାଖୋଲ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ବାରମ୍ବାର ଏପରି ହାତୀ ଆକ୍ରମଣରେ ଜୀବନ ଯାଉଥିବାରୁ ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଛାଡ଼ିନଥିଲେ।



ଏହି ଅଞ୍ଚଳରେ ସବୁବେଳେ ହାତୀଙ୍କ ଉପଦ୍ରବ ଅଧିକ ହେତୁ ଲୋକେ ରାତି ହେଲେ ଲାଇଟ୍, ନିଆଁ, ବାଣ ଫୁଟାଇ ଏକତ୍ରିତ ହୋଇ ହାତୀଙ୍କୁ ଘଉଡ଼ାଉଥିବାବେଳେ ମୃତ୍ୟୁ ହେବାର କିଛି ଘଣ୍ଟା ପୂର୍ବରୁ ଏହି ଗାଁ ଆମ୍ବବଗିଚାରୁ ହାତୀକୁ ଲୋକେ ଘଉଡାଇଥିଲେ ଏବଂ ଏ ସମ୍ପର୍କରେ ବନବିଭାଗକୁ ମଧ୍ୟ ଜଣାଇଥିଲେ। କିନ୍ତୁ ବନବିଭାଗ ଯାଇ ନଥିଲେ। ଶେଷରେ ଲୋକେ ହାତୀକୁ ଘଉଡାଇଥିଲେ। ଏବଂ ହାତୀ ପୁଣି ସେଦିଗରୁ ରାସ୍ତା ଆଡ଼କୁ ଆସିଥିବା ବେଳେ ଅନ୍ଧାର ଯୋଗୁଁ ନରେନ୍ଦ୍ର ସିଧା ହାତୀ ସାମ୍ନାରେ ପଡ଼ିଥିଲେ। ତେଣୁ ବନ ବିଭାଗ ଅବହେଳା ଯୋଗୁଁ ତାଙ୍କ ଜୀବନ ଗଲା ବୋଲି ଗ୍ରାମବାସୀ କହିଛନ୍ତି। ଏଥିରେ ଗ୍ରାମବାସୀ ଗାଁ ଜଙ୍ଗଲରେ ହାତୀ ଟ୍ରେଞ୍ଚ ଖୋଳା ଓ ବିଦ୍ୟୁତିକ ଝଟକା ମେସିନ୍ ଲଗାଇବାକୁ ଦାବି କରିବା ସହ ମୃତକଙ୍କ ପରିବାରକୁ ସରକାରୀ ସହାୟତା ପାଇଁ ଦାବି କରିଥିଲେ। ଯଥାଶୀଘ୍ର ଦାବି ପୂରଣ କରାଯିବ ଏବଂ ମୃତକ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ବନ ବିଭାଗ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ଡାକ୍ତରଖାନାକୁ ପଠାଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଆଗକୁ ଯେଭଳି ଏମିତି ଘଟଣା ନଘଟେ ସେଥିପ୍ରତି ବନବିଭାଗ ଦୃଷ୍ଟି ଦେବବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**୭ ଘଣ୍ଟା ଧରି ଶବ ଛାଡ଼ିଲେନି ଗ୍ରାମବାସୀ**

**ବନ ବିଭାଗର ଅବହେଳାରୁ ମୃତ୍ୟୁ ଅଭିଯୋଗ**

